# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**19 April – 2025**

# ପୋଷଣ ପକ୍ଷ ଶୁଭାରମ୍ଭ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱରସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନରେ ରାଜ୍ୟସ୍ତରୀୟ ପୋଷଣ ପକ୍ଷ ପାଳନ ସମାରୋହର ଶୁଭାରମ୍ଭ କରିବେ । ଏହାସହ ମୁଖ୍ୟମନ୍ତ୍ରୀ ନୂତନ ପ୍ରଶିକ୍ଷାର୍ଥୀ ନିବାସ, ତାଲିମ ଗୃହ ଏବଂ ପାଠାଗାରର ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ଏହି ଅବସରରେ ପୋଷଣଯୁକ୍ତ ଖାଦ୍ୟ ପ୍ରଦର୍ଶନୀ ଏବଂ ଅଦରକାରୀ ବସ୍ତୁରୁ ତିଆରି ଖେଳନା ପ୍ରଦର୍ଶନୀର ମଧ୍ୟ ଆୟୋଜନ କରାଯାଇଥିବା ନେଇ ମହିଳା ଓ ଶିଶୁବିକାଶ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ଧର୍ମେନ୍ଦ୍ର ପ୍ରଧାନ

ଇତିହାସରୁ ବର୍ତ୍ତମାନ ପର୍ଯ୍ୟନ୍ତ ଓଡ଼ିଶାର ନାମ ଉଜ୍ଜ୍ୱଳ ରହିଛି। ଓଡ଼ିଶାର ସମୃଦ୍ଧ କଳା, ସଂସ୍କୃତି ଓ ପରମ୍ପରା ବିଶ୍ୱ ଦରବାରରେ ଅନନ୍ୟ ପରିଚୟ ସୃଷ୍ଟି କରିପାରିଛି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ପୁରୀ ସାହିତ୍ୟ ମହୋତ୍ସବର ଉଦ୍‌ଘାଟନୀ ସମାରୋହରେ ଭିଡ଼ିଓ ବାର୍ତ୍ତାରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଏହି ମହୋତ୍ସବ ଭାଷା, ସାହିତ୍ୟ, ଜ୍ଞାନ ଏବଂ ଓଡ଼ିଶାର ଭବ୍ୟ ସାରସ୍ୱତ ପରମ୍ପରାକୁ ଜାଣିବାର ସୁଯୋଗ ପ୍ରଦାନ କରିଛି ।

# ପ୍ରମୋଦ ମିଶ୍ରଙ୍କ ଓଡ଼ିଶା ଗସ୍ତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରମୁଖ ସଚିବ ଡକ୍ଟର ପ୍ରମୋଦ କୁମାର ମିଶ୍ର ଓଡ଼ିଶା ଗସ୍ତରେ ଆସିଛନ୍ତି । ଶ୍ରୀ ମିଶ୍ର ଆଜି ଆଇଆଇଏମ୍ ସମ୍ବଲପୁରର ନବମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଗତକାଲି ଡକ୍ଟର ମିଶ୍ର ସମ୍ବଲପୁରରେ ମା' ସମଲେଶ୍ୱରୀଙ୍କ ଦର୍ଶନ କରିଥିଲେ ।

# ଚନ୍ଦନ ଯାତ୍ରା

ଚଳିତବର୍ଷ ପୁରୀ ଚନ୍ଦନଯାତ୍ରା ପାଇଁ ନୀତି ନିର୍ଘଣ୍ଟ ଚୂଡାନ୍ତ କରାଯାଇଛି । ଗତକାଲି ନୀଳାଦ୍ରୀ ଭକ୍ତନିବାସ ଠାରେ ଶ୍ରୀମନ୍ଦିର ଛତିଶା ନିଯୋଗ ବୈଠକରେ ଚନ୍ଦନଯାତ୍ରା ସହିତ ଅକ୍ଷୟ ତୃତୀୟା, ନୀଳାଦ୍ରୀ ମହୋଦୟ, ନୃସିଂହ ଜନ୍ମ ଓ ଶ୍ରୀକ୍ଷେତ୍ର ଭଉଁରୀ ତିଥି ପାଇଁ ନୀତି ନିର୍ଘଣ୍ଟ ପ୍ରସ୍ତୁତ କରାଯାଇଛି । ସେହିଭଳି ଚନ୍ଦନଯାତ୍ରାରେ ଶ୍ରଦ୍ଧାଳୁ ଓ ସେବକଙ୍କ ପାଇଁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟବୀମା କରାଯିବା ସହ ନରେନ୍ଦ୍ର ପୁଷ୍କରିଣୀ ବାହାରେ ଦୁଇଟି ପ୍ରାଥମିକ ଚିକିତ୍ସା କେନ୍ଦ୍ର କରିବା ଲାଗି ବୈଠକରେ ନିଷ୍ପତ୍ତି ହୋଇଛି । ଶ୍ରୀମନ୍ଦିର ନୂତନ ପରିଚାଳନା କମିଟି ଗଠନ ନେଇ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ଅପେକ୍ଷା କରାଯାଇଛି ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି ।

**V/O**

## ମୁଖ୍ୟମନ୍ତ୍ରୀ-ସହାୟତା

କେନ୍ଦୁଝର ଜିଲ୍ଲା ବୈତରଣୀ ନଦୀ କେଶରୀକୁଣ୍ଡଠାରେ ପାଣିରେ ବୁଡ଼ି ଦୁଇ ଛାତ୍ରଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକବ୍ୟକ୍ତ କରିଛନ୍ତି । ମୁଖ୍ୟମନ୍ତ୍ରୀ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ମୃତକଙ୍କ ଆତ୍ମୀୟମାନଙ୍କ ପାଇଁ ରାଜ୍ୟ ବିପର୍ଯ୍ୟୟ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଆୟୁଷ୍ମାନ କାର୍ଡ ବଣ୍ଟନ

ଗଞ୍ଜାମ ଜିଲ୍ଲା ନିମିନାଠାରେ ହିତାଧିକାରୀମାନଙ୍କୁ ଆୟୁଷ୍ମାନ କାର୍ଡ ବଣ୍ଟନ କରାଯାଇଛି । କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ନୂତନ ସ୍ୱାସ୍ଥ୍ୟବୀମା ଯୋଜନାରେ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ଏବଂ ବୟବନ୍ଦନା ଯୋଜନାର ହିତାଧିକାରୀମାନଙ୍କୁ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ ଆୟୁଷ୍ମାନ କାର୍ଡ ବଣ୍ଟନ କରିଥିଲେ ।

## ଜେଇଇ-ମେନ୍

ଜାତୀୟ ପରୀକ୍ଷଣ ସଂସ୍ଥା-ଏନ୍‌ଟିଏ ପକ୍ଷରୁ ଆଜି ଜେଇଇ-ମେନ୍-୨୦୨୫ ଦ୍ୱିତୀୟ ସେସନର ପରୀକ୍ଷା ଫଳ ପ୍ରକାଶ ପାଇବ । ଏ ନେଇ ଏନ୍‌ଟିଏ ପକ୍ଷରୁ ସୂଚନା ଦିଆଯାଇଛି । ପରୀକ୍ଷା ଫଳ ପ୍ରକାଶ କରିବା ପୂର୍ବରୁ ଗତକାଲି

ପ୍ରଶ୍ନପତ୍ରର ଉତ୍ତରପୁସ୍ତିକା ପ୍ରକାଶ ପାଇଥିଲା। ଛାତ୍ରଛାତ୍ରୀଙ୍କ ପାଇଁ jeemain.nta.nic.inରେ ପରୀକ୍ଷା ଫଳ ଉପଲବ୍ଧ ହେବ।

# ବିଶ୍ୱ ଯକୃତ ଦିବସ

ଆଜି ବିଶ୍ୱ ଯକୃତ ଦିବସ । ଯକୃତର ଉପଯୁକ୍ତ ଯତ୍ନ ନେବା ଏବଂ ଏହାର ସମସ୍ୟା ବିଷୟରେ ଲୋକମାନଙ୍କୁ ସଚେତନ କରାଇବା ଲାଗି ଏହି ଦିବସ ପାଳନ କରାଯାଉଛି । ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି ଖାଦ୍ୟ ହିଁ ମହୌଷଧି । ହେପାଟାଇଟିସ୍-ବି ଏବଂ ସି, ଫ୍ୟାଟି ଲିଭର୍ ଭଳି ସମସ୍ୟା ଜନିତ ରୋଗୀ ଭାରତରେ ବହୁପରିମାଣରେ ଦେଖା ଦେଇଥାନ୍ତି । ସମୟ ଅନୁସାରେ ଉପଯୁକ୍ତ ଚିକିତ୍ସା, ନିୟମିତ ବ୍ୟାୟାମ, ମାଦକ ଦ୍ରବ୍ୟ ସେବନଠାରୁ ଦୂରେଇ ରହିବା ଏବଂ ସନ୍ତୁଳିତ ଆହାର ସେବନ ଦ୍ୱାରା ଯକୃତକୁ ସୁସ୍ଥ ରଖାଯାଇ ପାରିବ ।

# ୟୁପିଆଇ-ଜିଏସ୍‌ଟି

୨ହଜାର ଟଙ୍କାରୁ ଅଧିକ ମୂଲ୍ୟର ୟୁପିଆଇ କାରବାର ଉପରେ ଜିଏସ୍‌ଟି ଲାଗୁ ହେବ ନାହିଁ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଲୋକମାନେ ବ୍ୟବସାୟୀଙ୍କୁ ଦେଉଥିବା ୟୁପିଆଇ ପେମେଣ୍ଟ ଉପରୁ ମର୍ଚ୍ଚାଣ୍ଟ ଡିସ୍କାଉଣ୍ଟ ରେଟ୍ - ଏମ୍‌ଡିଆର୍ ୨୦୨୦ ମସିହା ଜାନୁଆରୀ ମାସରୁ ହଟାଇ ଦିଆଯାଇଥିବାରୁ ୟୁପିଆଇ କାରବାର ଉପରେ ଜିଏସ୍‌ଟି ଲାଗୁ ହେଉନାହିଁ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

# ସୁପର କପ୍

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଆସନ୍ତାକାଲିଠାରୁ ମେ’ ୩ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ସୁପର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ସଂସ୍କରଣ ଖେଳାଯିବ । ସର୍ବଭାରତୀୟ ଫୁଟବଲ ମହାସଂଘ, ଓଡ଼ିଶା ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ, ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶାର ମିଳିତ ସହଯୋଗରେ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟରେ ୧୫ଟି ଦଳ ଅଂଶଗ୍ରହଣ କରୁଛନ୍ତି । ଏହି ପ୍ରତିଯୋଗିତାରେ ମୋହନ ବାଗାନ ସିଧାସଳଖ କ୍ୱାର୍ଟରଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିଛି ।